# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 05th October – 2026

**********************************

## ମୁଖ୍ୟ ସମ୍ବାଦ

- ଏସ୍.ଆଇ.ଆର୍. ପ୍ରକ୍ରିୟାରେ ବ୍ୟବହୃତ ଫର୍ମ-୬ରେ କୌଣସି ପରିବର୍ତ୍ତନକୁ ଅନୁମୋଦନ କରାଯାଇ ନାହିଁ ବୋଲି ସ୍ପଷ୍ଟ କଲେ ସୁପ୍ରିମ୍‌କୋର୍ଟ ।

- ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓର ଅତ୍ୟାଧୁନିକ କମ୍ପ୍ଲେକ୍ସକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବ ଛାତ୍ରସଂସଦ ନିର୍ବାଚନ ।

ଏବଂ

- ମସ୍ତିଷ୍କର ଅନୁଧ୍ୟାନ ଲାଗି ଭେଷଜ କ୍ଷେତ୍ରରେ ୩ ଜଣ ବୈଜ୍ଞାନିକଙ୍କୁ ମିଳିବ ନୋବେଲ୍ ପୁରସ୍କାର ।

*Pool*

# ସୁପ୍ରିମ୍‌କୋର୍ଟ - ଏସ୍.ଆଇ.ଆର୍.

ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବ୍ୟବହୃତ ଫର୍ମ-୬ରେ କୌଣସି ପରିବର୍ତ୍ତନକୁ କୋର୍ଟ ଦ୍ୱାରା ଅନୁମୋଦନ କରାଯାଇ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି । ଏ ସଂକ୍ରାନ୍ତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ କହିଛନ୍ତି, ପରିବର୍ତ୍ତନର କାରଣ ଜାଣିବାପାଇଁ ଆବଶ୍ୟକ ତଥ୍ୟ ମଗାଯାଇଛି । ନିର୍ଦ୍ଧାରିତ ସାମ୍ବିଧାନିକ ପ୍ରକ୍ରିୟା ଅନୁସରଣ କରା ନ ଯାଇ ନିର୍ବାଚନ କମିଶନଙ୍କ ସଫ୍ଟୱେୟାରରେ ଏଭଳି ପରିବର୍ତ୍ତନ କରାଯାଇଥିବା ନେଇ ମାମଲାରେ ଆବେଦନକାରୀ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ପକ୍ଷଙ୍କୁ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ବିହାରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅବସରରେ ଗତ ମଇ ମାସରେ ସୁପ୍ରିମ୍‌କୋର୍ଟ ସଂଶୋଧିତ ଫର୍ମ-୬କୁ ବୈଧ ବୋଲି ଘୋଷଣା କରିଥିବା ନିର୍ବାଚନ କମିଶନ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଥିଲେ ।

**BBSR/R**

# କଳିଙ୍ଗ ଷ୍ଟୁଡିଓ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟୁଡିଓରେ ଅତ୍ୟାଧୁନିକ କମ୍ପ୍ଲେକ୍ସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ' ରାଜ୍ୟରେ ଚଳଚ୍ଚିତ୍ର କ୍ଷେତ୍ରର ବିକାଶପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି ।

***Voice (CM)*** :…….

ପ୍ରାୟ ୫ ବର୍ଷ ଧରି ଏହି ଷ୍ଟୁଡିଓର ପୁନରୁଦ୍ଧାର ଏବଂ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଥିଲା । ଆଧୁନିକ ଭିତ୍ତିଭୂମି, ଚଳଚ୍ଚିତ୍ର ନିର୍ମାଣପାଇଁ ସେଟ୍ ପ୍ରସ୍ତୁତି, ଅତ୍ୟାଧୁନିକ ଉପକରଣ ଆଦି ଷ୍ଟୁଡ଼ିଓରେ ସାମିଲ୍ କରାଯାଇଛି । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପପାଇଁ ଏହି ଷ୍ଟୁଡିଓ ଏକ ଆଧୁନିକ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଅନ୍ୟତମ କେନ୍ଦ୍ର ଭାବେ ପରିଚିତ ହେବ । ପ୍ରାୟ ୨୨ ଏକର ପରିମିତ ଅଞ୍ଚଳରେ ଥିବା ଷ୍ଟୁଡିଓକୁ ୧୬୪ କୋଟି ଟଙ୍କା ବ୍ୟୟରେ ବିଶ୍ୱସ୍ତରୀୟ ଚଳଚ୍ଚିତ୍ର ନିର୍ମାଣପାଇଁ ସୁବିଧା ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଧୁନିକୀକରଣ କରାଯାଇଛି ।

ଉଦ୍‌ଘାଟନୀ ସମାରୋହରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବିଧାୟକ ଏବଂ ଓଡ଼ିଆ ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

*Desk*

## କେନ୍ଦ୍ରମନ୍ତ୍ରୀ - ଓଡ଼ିଶା ଗସ୍ତ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ କୋରାପୁଟ ଜିଲ୍ଲା ସୁନାବେଢ଼ାସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେ୍ଡ– ହାଲ୍' ମନ୍ତ୍ରୀ ଶ୍ରୀ ସିଂହ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

*Pool*

## ମହିଳା କମିଶନ - ମାର୍ଗଦର୍ଶିକା

ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକପାଇଁ ଜାତୀୟ ମହିଳା କମିଶନ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ମହିଳାଙ୍କ ଅଧିକାର ଏବଂ ସମ୍ମାନର ସୁରକ୍ଷାକୁ ଦୃଷ୍ଟିରେ ରଖି ଜେ.ଏସ୍. ବର୍ମା କମିଟିର ୨୦୧୩ ମସିହା ରିପୋର୍ଟ ଆଧାରରେ ଏହି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଇଛି । ନିର୍ଦ୍ଦେଶାବଳୀରେ ଆପ୍ ଏବଂ ପରିବହନ କ୍ଷେତ୍ରରେ ଡିଜିଟାଲ୍ ବ୍ୟବସ୍ଥାର ଉପଯୋଗକୁ ଗୁରୁତ୍ୱ ଦିଆଯାଇଛି । କମିଶନ ଅଧ୍ୟକ୍ଷା ବିଜୟା ରାହତ୍‌କର ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର

ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି । ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା ନେଇ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି ।

***Desk***

# ଛାତ୍ର ସଂସଦ ନିର୍ବାଚନ

ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଆସନ୍ତା ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବ । ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି । କଲେଜଗୁଡ଼ିକ ପକ୍ଷରୁ ଆସନ୍ତା ବୁଧବାର ଦିନ ଏସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୯ ତାରିଖରେ ନାମାଙ୍କନପତ୍ର ଦାଖଲ, ୧୦ ତାରିଖରେ ପ୍ରତ୍ୟାହାର, ୧୪ରେ 'ହ୍ୱାଏ ଆଇ ଷ୍ଟାଣ୍ଡ' ମିଟିଂ, ୧୫ ତାରିଖରେ କ୍ୟାମ୍ପସ ଭୋଟ ଏବଂ ଏହାପରେ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ୧୬ ତାରିଖରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଯୁବ ନେତୃତ୍ୱକୁ ଆଗକୁ ନେବା ଲକ୍ଷ୍ୟ ନେଇ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

HS

# ଦକ୍ଷତା କେନ୍ଦ୍ର

ରାଜ୍ୟର ଯୁବବର୍ଗଙ୍କୁ ସବୁଜ ଶକ୍ତି ଓ ସୌର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦକ୍ଷ କରିବା ଲକ୍ଷ୍ୟ ନେଇ ସବୁଜ ଶକ୍ତି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତି ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଏହି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି । ଓଡ଼ିଶା ଜଳବିଦ୍ୟୁତ ନିଗମ ଏଥିପାଇଁ ୧ କୋଟି ୪୮ ଲକ୍ଷ ଟଙ୍କା ବିନିଯୋଗ କରିବ । ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହୋଇଛି । ପ୍ରତିବର୍ଷ ପ୍ରାୟ ୩ ଶହ ଯୁବକ ଯୁବତୀଙ୍କୁ ସବୁଜ ଶକ୍ତିକ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ଅବସରରେ ଉପମୁଖ୍ୟନ୍ତ୍ରୀ ଶ୍ରୀ ସିଂହଦେଓ’ ବିଶ୍ୱ ଦକ୍ଷତା କେନ୍ଦ୍ରର ଉନ୍ନତୀକରଣ ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ତାଲିମ ସୁଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ସମ୍ପୂର୍ଣ୍ଣ ପ୍ରାୟୋଜିତ ଛାତ୍ରଙ୍କ ସଂଖ୍ୟା ୬୦ରୁ ୧୦୦କୁ ବୃଦ୍ଧି କରାଯିବା ସମ୍ପର୍କରେ ଶ୍ରୀ ସିଂହଦେଓ ଘୋଷଣା କରିଛନ୍ତି । ଭବିଷ୍ୟତରେ ବ୍ରହ୍ମପୁର ଓ ସମ୍ବଲପୁରଠାରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଶାଖା ପ୍ରତିଷ୍ଠାପାଇଁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

*Pool*

# ନୋବେଲ୍ ପୁରସ୍କାର

୨୦୨୬ ମସିହାପାଇଁ ଭେଷଜ କ୍ଷେତ୍ରରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି । ମଣିଷର ମସ୍ତିଷ୍କର ଅନୁଧ୍ୟାନ ଲାଗି କାର୍ଲ ଡିସେରୋଥ୍, ପିଟର ହେଗେମାନ୍ନ ଏବଂ ଜର୍ଜ ନାଗେଲଙ୍କୁ ସେମାନଙ୍କ ଦ୍ୱାରା ଆବିଷ୍କୃତ ଅତ୍ୟାଧୁନିକ ଜ୍ଞାନକୌଶଳ ପଦ୍ଧତି ଲାଗି ଏହି ପୁରସ୍କାର ପ୍ରଦାନ କରାଯିବ । ଆଜି ଷ୍ଟକ୍‌ହୋମ୍ ସ୍ଥିତ କାରୋଲିନ୍‌ସ୍କା ପ୍ରତିଷ୍ଠାନ ଦ୍ୱାରା ଏହି ଘୋଷଣା କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ମସ୍ତିଷ୍କର ସ୍ମୃତି ଶକ୍ତି, ଭାବନା ଓ ବ୍ୟବହାରକୁ ଉତ୍ତମ ରୂପେ ହୃଦୟଙ୍ଗମ କରିବା ଗବେଷକମାନେ ଅନେକ ଦିନରୁ ଚେଷ୍ଟା କରି ଆସୁଥିଲେ । ତେବେ ନୋବେଲ୍ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଥିବା ଏହି ତିନି ବୈଜ୍ଞାନିକଙ୍କ ନୂତନ ପଦ୍ଧତି light-gated ion channels and optogenetics ମାଧ୍ୟମରେ ଏକ ସଚଳ ମସ୍ତିଷ୍କର ସ୍ନାୟୁଗୁଡ଼ିକୁ କିଭଳି ସତେଜ ତଥା ନିସ୍ତେଜ କରାଯାଇପାରିବ ସମ୍ପର୍କରେ ସୂଚନା ମିଳି ପାରୁଛି ।

***HS***

# ସହରୀ ଆବାସ ଯୋଜନା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରର ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ବ୍ୟାପକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଥିବାରୁ ଓଡ଼ିଶାକୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି । ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଜି ଆୟୋଜିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହର ପୁରସ୍କାର-୨୦୨୬ କାର୍ଯ୍ୟକ୍ରମରେ ରାଜ୍ୟକୁ ପୁରସ୍କୃତ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ସ୍ୱୀକୃତି ରାଜ୍ୟପାଇଁ ଗର୍ବର ବିଷୟ । ପ୍ରଶାସନିକ ଦକ୍ଷତା ବୃଦ୍ଧି, ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ମଧ୍ୟରେ ଦୃଢ଼ ସମନ୍ୱୟ, ପ୍ରଯୁକ୍ତିବିଦ୍ୟା ଉପଯୋଗ ମାଧ୍ୟମରେ ସ୍ୱଚ୍ଛ ଓ ଦକ୍ଷତାସମ୍ପନ୍ନ କାର୍ଯ୍ୟକାରିତାକୁ ରାଜ୍ୟ ସରକାର ଏହି ଯୋଜନା ଅଧୀନରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହାଦ୍ୱାରା ଏକ ନାଗରିକକୈନ୍ଦ୍ରିକ ବ୍ୟବସ୍ଥା ସୃଷ୍ଟି ହୋଇପାରିଛି ବୋଲି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ।

***Desk***

# ସ୍ୱଚ୍ଛତା ହିଁ ସେବା

ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଷଷ୍ଠ ପର୍ଯ୍ୟାୟ ଅଭିଯାନ ଅନ୍ତର୍ଗତ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ଆକାଶବାଣୀ କଟକ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ କେନ୍ଦ୍ରକରେ ସ୍ୱଚ୍ଛତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରର କର୍ମଚାରୀମାନେ ସ୍ୱଚ୍ଛତା ଶପଥ ଗ୍ରହଣ କରିବା ସହ ବିଭିନ୍ନ ପର୍ଯ୍ୟାୟରେ ଚାରାରୋପଣ କରିଥିଲେ । ଏହାସହ କେନ୍ଦ୍ର ପକ୍ଷରୁ ନାଟକ, ଆଲୋଚନା ଏବଂ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛତାର ପ୍ରଚାର ପ୍ରସାର କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

***Kalahandi/R***

# ସମୀକ୍ଷା ବୈଠକ

କଳାହାଣ୍ଡି ଜିଲ୍ଲାରେ ମୃତ୍ତିକା ଓ ଜଳ ସଂରକ୍ଷଣ ସମ୍ପର୍କିତ ପ୍ରକଳ୍ପଗୁଡ଼ିକ ସ୍ଥିତି ନେଇ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ସମୀକ୍ଷା କରିଛନ୍ତି । ଦୁଇଦିନିଆ କଳାହାଣ୍ଡି ଗସ୍ତରେ ଯାଇ ଶ୍ରୀ ପଣ୍ଡା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସମୀକ୍ଷା ବୈଠକ ପରେ ଶ୍ରୀ ପଣ୍ଡା ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳ ପରିଦର୍ଶନ କରିବା ସହ ସେଠାରେ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ଜୟପାଟଣା ବ୍ଲକ୍‌ରେ ଶ୍ରୀ ପଣ୍ଡା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି ।

******